## State-Level Awareness & Sensitization Workshop on User Experience Audit and Capacity Building

A two-day State-Level Awareness and Sensitization Workshop on User Experience (UX) Audit and Capacity Building was organised on 12th and 13th May 2026 at the State Convention Centre, Lok Seva Bhawan, Bhubaneswar. The workshop was graced by Shri Debabrata Nayak, Chief Technology Officer, DIC and Director, National e-Governance Division, Ministry of Electronics and Information Technology, Government of India; Shri Surendra Kumar Meena, Executive Director, Centre for Modernisation of Government Initiatives, Government of Odisha; and Dr. Ashok Kumar Hota, Deputy Director General and State Informatics Officer, National Informatics Centre, Odisha.

The workshop was jointly organised by the National e-Governance Division, National Informatics Centre, and the Centre for Modernisation of Government Initiatives, Government of Odisha. Around 200 officials from various departments of the Government of Odisha, CMGI, and NIC Odisha participated in the programme.

## News Clips



Suryaprava

Done

# ୟୁଜର୍ ଏକ୍ସପିରିଏନ୍ସ ଅଡିଟ୍ ଓ କ୍ଷମତା ବୃଦ୍ଧି ଉପରେ ରାଜ୍ୟସ୍ତରୀୟ କର୍ମଶାଳା

॥ ପ୍ରଭାନ୍ୟୁଜ ॥

**ଭୁବନେଶ୍ୱର, ୧୩।୫:** ଡିଜିଟାଲ୍ ଶାସନ ବ୍ୟବସ୍ଥାକୁ ଅଧିକ ନାଗରିକ-କେନ୍ଦ୍ରିକ ଓ ସହଜ କରିବା ଲକ୍ଷ୍ୟରେ "ୟୁଜର୍ ଏକ୍ସପିରିଏନ୍ସ ଅଡିଟ୍ ଏବଂ କ୍ଷମତା ବୃଦ୍ଧି" ଉପରେ ଦୁଇଦିନିଆ ରାଜ୍ୟସ୍ତରୀୟ ସଚେତନତା ଓ ସଂବେଦନଶୀଳତା କର୍ମଶାଳା ମଙ୍ଗଳବାର ଲୋକ ସେବା ଭବନ ସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଶେଷ ହୋଇଛି। ୧୨ ଓ ୧୩ ମେ' ତାରିଖରେ ଆୟୋଜିତ ଏହି କର୍ମଶାଳାରେ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାରେ ୟୁଜର୍ ଏକ୍ସପିରିଏନ୍ସ ଓ ଡିଜାଇନ୍ ସିଷ୍ଟମ୍‌ର ଗୁରୁତ୍ୱ ଉପରେ ବିଶେଷ ଆଲୋଚନା ହୋଇଥିଲା। କର୍ମଶାଳାରେ ଭାରତ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନ ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ନିର୍ଦ୍ଦେଶକ ଏବଂ ମୁଖ୍ୟ ବୈଷୟିକ ଅଧିକାରୀ ଦେବବ୍ରତ ନାୟକ, ସେଣ୍ଟର ଫର୍ ମଡର୍ଣ୍ଣାଇଜେସନ୍ ଅଫ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସ (ସିଏମଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏବଂ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର (ଏନଆଇସି), ଓଡିଶାର ଡେପୁଟି ଡାଇରେକ୍ଟର ଜେନେରାଲ୍ ତଥା ରାଜ୍ୟ ସୂଚନା ଅଧିକାରୀ ଡକ୍ଟର ଅଶୋକ କୁମାର ହୋଟା ଉପସ୍ଥିତ ଥିଲେ। ଉଦଘାଟନୀ ଅଭିଭାଷଣରେ ସୁରେନ୍ଦ୍ର କୁମାର ମୀନା କହିଥିଲେ ଯେ, ଡିଜିଟାଲ୍ ଶାସନ କ୍ଷେତ୍ରରେ ନୂତନ ଆହ୍ୱାନ ସହ ଅନେକ ସୁଯୋଗ ମଧ୍ୟ ସୃଷ୍ଟି ହେଉଛି। ଏହି କର୍ମଶାଳା ମାଧ୍ୟମରେ ଅଂଶଗ୍ରହଣକାରୀମାନେ ନାଗରିକ-କେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରି ଇ-ଗଭର୍ଣ୍ଣାନ୍ସ ସେବାକୁ ଅଧିକ ସୁଦୃଢ ଓ ବିଶ୍ୱସନୀୟ କରିପାରିବେ। ସ୍ୱାଗତ ଭାଷଣରେ ଡକ୍ଟର ଅଶୋକ କୁମାର ହୋଟା ଡିଜିଟାଲ୍ ପ୍ଲାଟଫର୍ମରେ ଉତ୍ତମ ୟୁଜର୍ ଏକ୍ସପିରିଏନ୍ସ ଏବଂ ଡିଜାଇନ୍ ସିଷ୍ଟମ୍‌ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, କର୍ମଶାଳାରେ ଆଲୋଚିତ ବିଷୟବସ୍ତୁ ନାଗରିକ-କେନ୍ଦ୍ରିକ ଆପ୍ଲିକେସନ୍ ଗୁଡିକର ଗୁଣବତ୍ତା ଓ ବ୍ୟବହାର ଯୋଗ୍ୟତା ବୃଦ୍ଧିରେ ସହାୟକ ହେବ। କର୍ମଶାଳାରେ ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ବିଶେଷଜ୍ଞ ଦଳ ଦ୍ୱାରା ଟଡ ଅଡିଟ୍ ଓ ଡିଜାଇନ୍ ସିଷ୍ଟମ୍ ଉପରେ ଚାରିଟି ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅବସରରେ "UI/UX Handbook for e-Governance" ଶୀର୍ଷକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

Suryaprava : 14th May, 2026

# ଏନ୍ଆଇସି ଓ ସିଏମ୍‌ଜିଆଇ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା



ଭୁବନେଶ୍ୱର, ୧୩।୫ (ନି. ପ୍ର):ଲୋକସେବା ଭବନର ସମ୍ମିଳନୀ କେନ୍ଦ୍ରଠାରେ 'ୟୁଜର୍ ଏକ୍ସପରିଏନ୍ସ ଅଡିଟ୍ ଏବଂ କ୍ଷମତା ବୃଦ୍ଧି' ସମ୍ପର୍କିତ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି କର୍ମଶାଳାରେ ଭାରତ ସରକାରଙ୍କ ଆଇଟି ମନ୍ତ୍ରଣାଳୟ ଅଧୀନସ୍ଥ ଡିଆଇସିର ମୁଖ୍ୟ ବୈଷୟିକ ଅଧିକାରୀ ତଥା ଜାତୀୟ ଇ- ଗଭର୍ଣ୍ଣାନ୍ସ ବିଭାଗର ନିର୍ଦ୍ଦେଶକ ଦେବବ୍ରତ ନାୟକ, ଓଡ଼ିଶା ସରକାରଙ୍କ ସେଣ୍ଟର ଫର୍ ମଡର୍ଣ୍ଣାଇଜେସନ ଅଫ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସ (ସିଏମ୍‌ଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏବଂ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର (ଏନ୍ଆଇସି), ଓଡ଼ିଶାର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ଅଧିକାରୀ ଡ. ଅଶୋକ କୁମାର ହୋତା ଯୋଗ ଦେଇ ଡିଜିଟାଲ ଶାସନ କ୍ଷେତ୍ରରେ ସୃଷ୍ଟି ହେଉଥିବା ନୂତନ ଆହ୍ୱାନ ଏବଂ ସୁଯୋଗ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ସିଏମ୍‌ଜିଆଇ ଏବଂ ଏନ୍ଆଇସି ଓଡ଼ିଶାର ପ୍ରାୟ ୨୦୦ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

The Samaja, BHUBANESWAR Edition
Page No.6 May 14, 2026

The Samaja : 14th May, 2026

prameyaepaper.com

# ୟୁଜର୍ ଏକ୍ସପିରିଏନ୍ସ ଅଡିଟ୍ ଏବଂ କ୍ଷମତା ବୃଦ୍ଧି ଉପରେ ରାଜ୍ୟସ୍ତରୀୟ ସଚେତନତା କର୍ମଶାଳା



ଭୁବନେଶ୍ୱର,୧୫।୫(ବ୍ୟୁରୋ): ୟୁଜର୍ ଏକ୍ସପିରିଏନ୍ସ (ୟୁଏକ୍ସ) ଅଡିଟ୍ ଏବଂ କ୍ଷମତା ବୃଦ୍ଧି' ଉପରେ ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ ସଚେତନତା ଓ ସଂବେଦନଶୀଳତା କର୍ମଶାଳା ଲୋକ ସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଡିଆଇସିର ମୁଖ୍ୟ ବୈଷୟିକ ଅଧିକାରୀ ତଥା ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ନିର୍ଦ୍ଦେଶକ ଦେବବ୍ରତ ନାୟକ,ଓଡ଼ିଶା ସରକାରଙ୍କ ସେଣ୍ଟର ଫର୍ ମଡର୍ଣ୍ଣାଇଜେସନ୍ ଅଫ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସ (ସିଏମ୍‌ଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଏବଂ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର (ଏନଆଇସି), ଓଡ଼ିଶାର ଡେପୁଟି ଡାଇରେକ୍ଟର ଜେନେରାଲ ତଥା ରାଜ୍ୟ ସୂଚନା ଅଧିକାରୀ ଡକ୍ଟର ଅଶୋକ କୁମାର ହୋତା ଯୋଗ ଦେଇଥିଲେ।

ଏହି କର୍ମଶାଳାରେ ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ଏକ ବିଶେଷଜ୍ଞ ଦଳଙ୍କ ଦ୍ୱାରା ୟୁଜର୍ ଏକ୍ସପିରିଏନ୍ସ ଅଡିଟ୍ ଏବଂ ଡିଜାଇନ୍ ସିଷ୍ଟମ୍ ଉପରେ ଚାରୋଟି ବୈଷୟିକ ଅଧିବେଶନ ପରିଚାଳିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ୟୁଆଇ/ୟୁଏକ୍ସ ଇ-ଗଭର୍ଣ୍ଣାନ୍ସ ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚନ କରିଥିଲେ।

ନିଜର ଉଦଘାଟନୀ ଅଭିଭାଷଣରେ ଶ୍ରୀ ମୀନା ଡିଜିଟାଲ୍ ଶାସନ କ୍ଷେତ୍ରରେ ସୃଷ୍ଟି ହେଉଥିବା ନୂତନ ଆହ୍ୱାନ ଏବଂ ସୁଯୋଗ ଉପରେ ଆଲୋକପାତ କରିଥିଲେ।

ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଡକ୍ଟର ହୋତା ଡିଜିଟାଲ୍ ପ୍ଲାଟଫର୍ମରେ ୟୁଜର୍ ଏକ୍ସପିରିଏନ୍ସ ଏବଂ ଡିଜାଇନ୍ ସିଷ୍ଟମର ଗୁରୁତ୍ୱ ବିଷୟରେ କହିଥିଲେ। ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗ, ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର ଏବଂ ଓଡ଼ିଶା ସରକାରଙ୍କ ସେଣ୍ଟର ଫର୍ ମଡର୍ଣ୍ଣାଇଜେସନ୍ ଅଫ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସର ମିଳିତ ଆନୁକୂଲ୍ୟରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସିଏମଜିଆଇ ଏବଂ ଏନଆଇସି ଓଡ଼ିଶାର ପ୍ରାୟ ୨୦୦ ଅଧିକାରୀ ଅଂଶଗ୍ରହଣ କରିଥିଲେ।

Prameya : 15th May, 2026

THURSDAY, MAY 14, 2026 SIGN IN / JOIN CONTACT



NEWS INFORMATION TECHNOLOGY

# State Hosts UI/UX Meet

By **Tathya Correspondent** - May 14, 2026



Bhubaneswar: A two-day State-Level Awareness and Sensitization Workshop on User Experience (UX) Audit and Capacity Building was organised on 12th and 13th May 2026 at the State Convention Centre, Lok Seva Bhawan, Bhubaneswar.

The workshop was graced by Shri Debabrata Nayak, Chief Technology Officer, DIC and Director, National e-Governance Division, Ministry of Electronics and Information Technology, Government of India.

Shri Surendra Kumar Meena, Executive Director, Centre for Modernisation of Government Initiatives, Government of Odisha; and Dr. Ashok Kumar Hota, Deputy Director General and State Informatics Officer, National Informatics Centre, Odisha joined program.

The workshop featured four technical sessions on User Experience (UX) Audit and Design Systems conducted by an expert team from the National e-Governance Division. During the event, the dignitaries released a brochure titled "UI/UX in e-Governance."

In his inaugural address, Surendra Kumar Meena highlighted the emerging challenges and opportunities in digital governance. He emphasized that the workshop would help participants adopt citizen-centric approaches, improve user experience, and strengthen public trust and confidence in e-governance applications for efficient service delivery.

Delivering the welcome address, Ashok Kumar Hota underscored the importance of user experience and design systems in digital platforms. He encouraged all participants to effectively apply the concepts shared during the workshop to enhance the quality and usability of citizen-centric applications.

In his introductory remarks, Debabrata Nayak advised participants to focus on user experience and design systems while developing public-facing applications to improve efficiency, timeliness, ease of use, and simplification of processes.

The workshop was jointly organised by the National e-Governance Division, National Informatics Centre, and the Centre for Modernisation

Tathya 14th May, 2026: [https://tathya.in/state-hosts-ui-ux-meet/](https://tathya.in/state-hosts-ui-ux-meet/)

# ୟୁଜର୍ ଏକ୍ସପିରିଏନ୍ସ (ଟଢ) ଅଡିଟ୍ ଏବଂ କ୍ଷମତା ବୃଦ୍ଧି ଉପରେ ରାଜ୍ୟ ସ୍ତରୀୟ ସଚେତନତା ଓ ସଂବେଦନଶୀଳତା କର୍ମଶାଳା

By Tiranga TV — On May 13, 2026



୨୦୨୬ ମେ' ୧୨ ଏବଂ ୧୩ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ 'ୟୁଜର୍ ଏକ୍ସପିରିଏନ୍ସ (ଟଢ) ଅଡିଟ୍ ଏବଂ କ୍ଷମତା ବୃଦ୍ଧି' ଉପରେ ଏକ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ସଚେତନତା ଓ ସଂବେଦନଶୀଳତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ଭଓଭ ର ମୁଖ୍ୟ ବୈଷୟିକ ଅଧିକାରୀ ତଥା ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦେବବ୍ରତ ନାୟକ; ଓଡ଼ିଶା ସରକାରଙ୍କ ସେଣ୍ଟର ଫର୍ ମଡର୍ଣ୍ଣାଇଜେସନ୍ ଅଫ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସ (ଭଗଏଓ) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ମୀନା ଏବଂ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର (ଘଓଭ), ଓଡ଼ିଶାର ଡେପୁଟି ଡାଇରେକ୍ଟର ଜେନେରାଲ ତଥା ରାଜ୍ୟ ସୂଚନା ଅଧିକାରୀ ଡକ୍ଟର ଅଶୋକ କୁମାର ହୋତା ଯୋଗ ଦେଇଥିଲେ।

ଏହି କର୍ମଶାଳାରେ ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ଏକ ବିଶେଷଜ୍ଞ ଦଳଙ୍କ ଦ୍ୱାରା ୟୁଜର୍ ଏକ୍ସପିରିଏନ୍ସ (ଟଢ) ଅଡିଟ୍ ଏବଂ ଡିଜାଇନ୍ ସିଷ୍ଟମ୍ ଉପରେ ଚାରୋଟି ବୈଷୟିକ ଅଧିବେଶନ ପରିଚାଳିତ ହୋଇଥିଲା। ଏହି ଅବସରରେ ଅତିଥିମାନେ **"UI/UX in e-Governance"** ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚନ କରିଥିଲେ।

ନିଜର ଉଦଘାଟନୀ ଅଭିଭାଷଣରେ ଶ୍ରୀ ସୁରେନ୍ଦ୍ର କୁମାର ମୀନା ଡିଜିଟାଲ୍ ଶାସନ କ୍ଷେତ୍ରରେ ସୃଷ୍ଟି ହେଉଥିବା ନୂତନ ଆହ୍ୱାନ ଏବଂ ସୁଯୋଗ ଉପରେ ଆଲୋକପାତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଏହି କର୍ମଶାଳା ଅଂଶଗ୍ରହଣକାରୀମାନଙ୍କୁ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା, ୟୁଜର୍ ଏକ୍ସପିରିଏନ୍ସରେ ସୁଧାର ଆଣିବା ଏବଂ ଦକ୍ଷ ସେବା ପ୍ରଦାନ ପାଇଁ ଇ-ଗଭର୍ଣ୍ଣାନ୍ସ ଆପ୍ଲିକେସନଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସ ଓ ଭରସାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଡକ୍ଟର ଅଶୋକ କୁମାର ହୋତା ଡିଜିଟାଲ୍ ପ୍ଲାଟଫର୍ମରେ ୟୁଜର୍ ଏକ୍ସପିରିଏନ୍ସ ଏବଂ ଡିଜାଇନ୍ ସିଷ୍ଟମର ଗୁରୁତ୍ୱ ବିଷୟରେ କହିଥିଲେ। ନାଗରିକ-କୈନ୍ଦ୍ରିକ ଆପ୍ଲିକେସନଗୁଡ଼ିକର ଗୁଣବତ୍ତା ଏବଂ ବ୍ୟବହାର ଯୋଗ୍ୟତା ବୃଦ୍ଧି କରିବା ପାଇଁ କର୍ମଶାଳାରେ ଆଲୋଚିତ ଧାରଣାଗୁଡ଼ିକୁ ପ୍ରଭାବଶାଳୀ ଭାବରେ ପ୍ରୟୋଗ କରିବାକୁ ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀ ଦେବବ୍ରତ ନାୟକ ନିଜର ପ୍ରାରମ୍ଭିକ ମନ୍ତବ୍ୟରେ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଯେ, ସାଧାରଣ ଜନତାଙ୍କ ପାଇଁ ଆପ୍ଲିକେସନ୍ ପ୍ରସ୍ତୁତ କରିବା ସମୟରେ ୟୁଜର୍ ଏକ୍ସପିରିଏନ୍ସ ଏବଂ ଡିଜାଇନ୍ ସିଷ୍ଟମ୍ ଉପରେ ଧ୍ୟାନ ଦିଅନ୍ତୁ, ଯାହାଫଳରେ କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା, ବ୍ୟବହାରର ସହଜତା ଏବଂ ପ୍ରକ୍ରିୟାର ସରଳୀକରଣରେ ଉନ୍ନତି ଆସିପାରିବ।

ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗ, ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର (NIC) ଏବଂ ଓଡ଼ିଶା ସରକାରଙ୍କ ସେଣ୍ଟର ଫର୍ ମଡର୍ଣ୍ଣାଇଜେସନ୍




## ଜୀବନଚର୍ଯ୍ୟା

- ଆଜି ମଇ ୧୫ ତାରିଖ ଶୁକ୍ରବାରରେ ଏହି ଛଅଟି ରାଶି ପାଇଁ ରହିଛି ଶୁଭ ଖବର...
- ଆଜି ମଇ ୧୪ ତାରିଖ ଗୁରୁବାରରେ ଏହି ଛଅଟି ରାଶି ପାଇଁ ରହିଛି ଶୁଭ ଖବର |
- ମାତୃତ୍ୱ ଲାଭ ପରେ ପୁଣି ଥରେ କର୍ମକ୍ଷେତ୍ରକୁ ଫେରିବା ପାଇଁ ମହିଳାଙ୍କୁ...
- ଆଜି ମଇ ୧୨ ତାରିଖ ମଙ୍ଗଳବାରରେ ଏହି ରାଶି ପାଇଁ ରହିଛି ଲାଭର ଯୋଗ,...
- ମେ ୧୦ ତାରିଖ ରାଶିଫଳ: ଏହି ରାଶିର ବ୍ୟକ୍ତିଙ୍କର ହେବ ଅନୁକୂଳ, ଯାହା...
- ଆଜି ମେ ୮ ତାରିଖ ଶୁକ୍ରବାରରେ ଏହି ଆଠଟି ରାଶିର ବ୍ୟକ୍ତିମାନେ ରହନ୍ତୁ...
- ଇନଷ୍ଟାଗ୍ରାମରୁ ହଟିବ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ସନ୍, ଆପଣଙ୍କର...

‹ PREV NEXT › 1 of 45

Triranga TV 13th May, 2026: https://trirangatv.com/state/81402

# ୟୁଜର ଏକ୍ସପିରିଏନ୍ସ (UX) ଅଡିଟ ଏବଂ କ୍ଷମତା ବୃଦ୍ଧି ଉପରେ ରାଜ୍ୟ ସ୍ତରୀୟ ସଚେତନତା ଓ ସଂବେଦନଶୀଳତା କର୍ମଶାଳା

By odia gossipMay 13, 2026, 18:38 IST




**ଓଡ଼ିଆ ଗସିପ ବ୍ୟୁରୋ (ଭୁବନେଶ୍ୱର):** ୨୦୨୬ ମେ' ୧୨ ଏବଂ ୧୩ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନର ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ 'ୟୁଜର୍ ଏକ୍ସପିରିଏନ୍ସ (UX) ଅଡିଟ୍ ଏବଂ କ୍ଷମତା ବୃଦ୍ଧି' ଉପରେ ଏକ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ସଚେତନତା ଓ ସଂବେଦନଶୀଳତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଏହି କର୍ମଶାଳାରେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର DIC ର ମୁଖ୍ୟ ବୈଷୟିକ ଅଧିକାରୀ ତଥା ଜାତୀୟ ଇ-ଗଭର୍ଣ୍ଣାନ୍ସ ବିଭାଗର ନିର୍ଦ୍ଦେଶକ ଶ୍ରୀ ଦେବବ୍ରତ ନାୟକ; ଓଡ଼ିଶା ସରକାରଙ୍କ ସେଣ୍ଟର ଫର୍ ମଡର୍ଣ୍ଣାଇଜେସନ୍ ଅଫ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସ (CMGI) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ମୀନା ଏବଂ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟର (NIC), ଓଡ଼ିଶାର ଡେପୁଟି ଡାଇରେକ୍ଟର ଜେନେରାଲ ତଥା ରାଜ୍ୟ ସୂଚନା ଅଧିକାରୀ ଡକ୍ଟର ଅଶୋକ କୁମାର ହୋତା ଯୋଗ ଦେଇଥିଲେ ।




**Featured**

**ଶେହନାଜଙ୍କୁ ମିଳିଲା ନୂଆ ପ୍ରେମ, କୋହଲିଙ୍କ ଟିମ୍‌ର ଏହି ଖେଳାଳିଙ୍କୁ ଡେଟ୍ କରୁଛନ୍ତି ଅଭିନେତ୍ରୀ!**

ଓଡ଼ିଆ ଗସିପ ବ୍ୟୁରୋ (ସ୍ୱତନ୍ତ୍ର ପ୍ରତିନିଧି): ବିଗ୍ ବସ୍ ଫେମ ଅଭିନେତ୍ରୀ ଶେହନାଜ ଗିଲ୍ ଏବେ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ସିଦ୍ଧାର୍ଥ ଶୁକ୍ଲାଙ୍କ ଦେହାନ୍ତ ପରେ ଶେହନାଜ ଜୀବନରେ କେହି ଆସିନଥିଲେ, କିନ୍ତୁ

**ଅଭିନେତାଙ୍କ ସହ ଏହି ଅଭିନେତ୍ରୀଙ୍କ ବ୍ୟକ୍ତିଗତ ଫଟୋ ହୋଇଥିଲା ଲିକ୍, ବିବାହିତ ଷ୍ଟାର୍‌ଙ୍କ ପ୍ରେମରେ ହେଉଥି...**

**Sadhvi Sail Crowned Femina Miss India**

Odia Gossip 13th May, 2026 : https://odiagossip.com/odisha/state-level-awareness-and-sensitization-workshop-on-user/cid18666187.htm